# ***ଅବକାରୀ ବିଭାଗ***
## ***ବଜେଟ୍ ଅଭିଭାଷଣ ନିମନ୍ତେ ତଥ୍ୟ***

୧.	୨୦୦୭-୦୮ ଆର୍ଥିକ ବର୍ଷ ପାଇଁ ଅର୍ଥ ବିଭାଗ ୫୫୩.୬୦ କୋଟି ଅବକାରୀ ରାଜସ୍ୱର ଆଦାୟ ନିମିତ୍ତ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ୨୦୦୭-୦୮ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ଆଦାୟ ପରିମାଣ (ବିକ୍ରିକର ଏବଂ ପ୍ରବେଶକରକୁ ବାଦ୍ ଦେଇ) ୫୨୪.୮୩ କୋଟି ଅଟେ । ୨୦୦୬-୦୭ ଆର୍ଥିକ ବର୍ଷରେ ରାଜସ୍ୱ ଆଦାୟ (ବିକ୍ରୀକର ଏବଂ ପ୍ରବେଶ କର ବ୍ୟତୀତ) ୪୩୦.୧୨ କୋଟି ଥିବା ସ୍ଥଳେ ୨୦୦୭-୦୮ ବର୍ଷରେ ଅବକାରୀ ରାଜସ୍ୱ ଆଦାୟ ୫୨୪.୮୩ କୋଟି ରେ ପହଞ୍ଚିଛି । ଏହି ଅଭିବୃଦ୍ଧିର ହାର ୨୨.୦୧ ପ୍ରତିଶତ । ଏତଦ୍ ବ୍ୟତୀତ ରାଜସ୍ୱ ଲକ୍ଷ୍ୟ ୫୫୩.୬୦ କୋଟିର ୯୪.୬୮ ପ୍ରତିଶତ ଆର୍ଥିକ ବର୍ଷ ୨୦୦୭-୦୮ ରେ ଆଦାୟ କରାଯାଇଅଛି । ୨୦୦୭-୦୮ ବର୍ଷର ବଜେଟ୍ ଆକଳନ ୫୫୩.୬୦ କୋଟି ଥିବା ସ୍ଥଳେ, ଏହାର ୯୪.୬୮ ପ୍ରତିଶତ ୨୦୦୭-୦୮ ଆର୍ଥିକ ବର୍ଷରେ ଆଦାୟ କରାଯାଇ ଅଛି । ନିମ୍ନ ଦତ୍ତ ସାରଣୀରେ ରାଜସ୍ୱ ଆଦାୟ ପରିମାଣର ଏକ ବିଶଦ ବିବରଣୀ ପ୍ରଦାନ କରାଗଲା ।

| | | ***୨୦୦୬-୦୭ ଆର୍ଥିକ ବର୍ଷରେ ଆଦାୟ ରାଜସ୍ୱ ର ପରିମାଣ (ଟଙ୍କା କୋଟିରେ)*** | ***୨୦୦୭-୦୮ ଆର୍ଥିକ ବର୍ଷରେ ଆଦାୟ ରାଜସ୍ୱ ର ପରିମାଣ (ଟଙ୍କା କୋଟିରେ)*** |
|---|---|---|---|
| **୧.** | ଅବକାରୀ ରଜସ୍ୱ | ୧୮୭.୭୦ | ୨୨୩.୭୧ |
| **୨.** | ଅବକାରୀ ଶୁଳ୍କ | ୨୪୨.୪୨ | ୩୦୧.୧୨ |
| **ମୋଟ** | | **୪୩୦.୧୨** | **୫୨୪.୮୩** |
| **୫.** | ବିକ୍ରୀକର | ୧୦୯.୫୦ | ୧୨୧.୬୨ |
| **୬.** | ପ୍ରବେଶ କର | ୦.୯୩ | ୦.୫୫ |
| **ମୋଟ** | | **୧୧୦.୪୩** | **୧୨୨.୧୭** |
| **ସର୍ବମୋଟ** | | **୫୪୦.୫୫** | **୬୪୭.୦୦** |

**୨. <u>ବିଭାଗୀୟ ପଦକ୍ଷେପ</u>**

(କ)	ଜଷ୍ଟିସ୍ ମହେନ୍ଦ୍ର ପଟ୍ଟନାୟକ କମିଶନଙ୍କ ସୁପାରିଶଗୁଡିକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରାଯାଉଅଛି ।

(ଖ)	ସମ୍ବଳ ଆଦାୟ ବୃଦ୍ଧି ପରିପ୍ରେକ୍ଷୀରେ ବିହାର ଓ ଓଡିଶା ଅବକାରୀ ଆଇନ୍ ୧୯୧୫ ର ସଂଶୋଧନ କରାଯାଇ ଅବକାରୀ ଦଣ୍ଡବିଧିଗୁଡିକୁ କଠୋର ଓ ଜାମିନ୍ ବିହୀନ କରାଯାଇଅଛି । ଏହାର ଫଳସ୍ୱରୂପ ଆଇନ୍ ଉଲଙ୍ଘନକାରୀଙ୍କ ସଂଖ୍ୟା ଆପାତତଃ କମିଯାଇଥିବାର ଜଣାପଡିଛି ।

(ଗ) ବେସରକାରୀ ସଂସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମପଞ୍ଚାୟତ ଅନୁଷ୍ଠାନର କର୍ମୀମାନଙ୍କୁ ସଂଶ୍ଳିଷ୍ଟ କରାଯାଇ ସାଧାରଣ ଜନତାଙ୍କ ମଧ୍ୟରେ ଅବୈଧ ଅପମିଶ୍ରିତ ଚୋରା ମଦ୍ୟପାନର ମାରାତ୍ମକତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଉଅଛି ।

(ଘ) ରାଜ୍ୟ ସାରା ବିଶେଷ ଭାବେ ନକ୍ସଲପ୍ରବଣ ଅଞ୍ଚଳରେ ବିପୁଳ ସଂଖ୍ୟକ ଗଂଜା ଗଛ ସମ୍ବଳେ ନଷ୍ଟ କରାଯାଇଛି ।

(ଙ) ରାଜ୍ୟ ବାହାରୁ ଆସୁଥିବା ନକଲି ଏବଂ ନିଃଶୁଳ୍କ ମଦ ଚୋରାଚାଲାଣକୁ ପ୍ରତିହତ କରାଯାଇଛି । ଅବୈଧ ଚୋରା ମଦର ଅନଃସ୍ରୋତ ବନ୍ଦ ହୋଇଛି ।

(ଚ) ଅବକାରୀ କ୍ଷେତ୍ର କର୍ମଚାରୀମାନଙ୍କର ବାରମ୍ବାର ଚଢାଉ/ଧରପଗଡ ଫଳରେ ସରକାରୀ ଦୋକାନର ବିକ୍ରି ପୂର୍ବ ବର୍ଷ ତୁଳନାରେ ଦେଶୀ ମଦରେ ୪୬ ପ୍ରତିଶତ ଏବଂ ବିଦେଶୀ ମଦରେ ୧୮ ପ୍ରତିଶତ ବୃଦ୍ଧି ଘଟିଛି ।

(ଛ) ଅବକାରୀ ଅଫିସର ମାନଙ୍କୁ ତଦନ୍ତ କାର୍ଯ୍ୟ ସମ୍ପନ୍ନ ପାଇଁ ପୋଲିସ୍ କ୍ଷମତା ପ୍ରଦାନ କରାଯାଇଅଛି । ଅସାଧୁ ମଦ ବ୍ୟବସାୟୀମାନଙ୍କ ମେଣ୍ଟ ଭାଙ୍ଗିବା ପାଇଁ ଚୋରା ମଦ କାରବାର ହେଉଥିବା ସ୍ଥାନ ମାନଙ୍କରେ ସରକାରଙ୍କ ଦ୍ୱାରା ପରିଚାଳିତ ସଂସ୍ଥାମାନଙ୍କୁ ବିନା ଲାଇସେନ୍ସରେ ମଦ ଦୋକାନ ପରିଚାଳନା କରିବା ପାଇଁ ବର୍ତ୍ତମାନ ଅବକାରୀ ଆଇନ ବ୍ୟବସ୍ଥା କରାଯାଇଛି ।

(ଜ) ଅବକାରୀ ଧରପଗଡକୁ କଡାକଡି କରାଯାଇଅଛି ।

(ଝ) ଜିଲ୍ଲପାଳ ଓ ପୋଲିସ୍ ଅଧିକ୍ଷକମାନଙ୍କୁ ସନ୍ଦିଗ୍ଧ ବିଷାକ୍ତ ଏବଂ ଚୋରା ମଦ କାରବାର ଚାଲୁଥିବା କେନ୍ଦ୍ରମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ପରାମର୍ଶ ଦିଆଯାଇଛି ।

(ଞ) ଜିଲ୍ଲାମାନଙ୍କରେ ଚୋରା ମଦର ପ୍ରସ୍ତୁତି, ଯୋଗାଣ ଓ ବିକ୍ରୟକୁ ପ୍ରତିହତ କରିବା ପାଇଁ ଜିଲ୍ଲାସ୍ତରରେ ପୋଲିସ୍, ଅବକାରୀ ଏବଂ ବନବିଭାଗ ଅଧିକାରିମାନଙ୍କ ଦ୍ୱାରା ମିଳିତ ଚଢାଉ କରାଯାଉଅଛି ।

**୩. <u>ରାଜସ୍ୱ ବଦ୍ଧି ନିମନ୍ତେ ପଦକ୍ଷେପ</u>**

(କ) ଅବକାରୀ ରାଜସ୍ୱ ବୃଦ୍ଧି ନିମନ୍ତେ ସରକାର ଅବକାରୀ ଶୁଳ୍କ ଏବଂ ମାସିକ ଜରସମନ ମୂଲ୍ୟ (Licence fee) ବୃଦ୍ଧି କରିଛନ୍ତି । ଫଳତଃ ବିଦେଶୀ ମଦ ଦୋକାନ ମାନଙ୍କର ସର୍ବନିମ୍ନ ପ୍ରତ୍ୟାଭୂତି ପରିମାଣ (M.G.Q) ବୃଦ୍ଧି ପାଇଛି ।

(ଖ) ବିଦେଶୀ ମଦର ଚାହିଦାକୁ ଦୃଷ୍ଟିରେ ରଖି ମେସର୍ସ ଓରିଏନ୍ଷ୍ଟାଲ ବଟଲିଂ ପ୍ଲାଣ୍ଟ ନାମକ ଏକ ବଟଲିଂ ପ୍ଲାଣ୍ଟ ର ପୁନଃରୁଦ୍ଧାର ସହିତ ଖୋର୍ଦ୍ଧାଠାରେ ୟୁନାଇଟେଡ୍ ବ୍ରିୱେରିଜ୍ ଲିମିଟେଡ୍

ନାମକ ଏକ ବିଅର୍ ଉତ୍ପାଦନକାରୀ ସଂସ୍ଥା କୁ ଲାଇସେନ୍ସ ପ୍ରଦାନ କରାଯାଇଅଛି । ଅଧିକ ସଂଖ୍ୟକ ବିୟର୍ କାରଖାନା ଓ ବଟଲିଂ ପ୍ଲାଣ୍ଟ ଖୋଲିବାପାଇଁ ସରକାର୍ ଫର୍ମାସ ପତ୍ର (Letter of Indent) ଜାରି କରିବା ନିମନ୍ତେ ପଦକ୍ଷେପ ନେଉଅଛନ୍ତି ।

(ଗ) ଗତ ଆର୍ଥିକ ବର୍ଷ ୨୦୦୬-୦୭ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ୨୦ ପ୍ରତିଶତ ଅଧିକ ବିଦେଶୀ ମଦ ଦୋକନ ଖୋଲିବାପାଇଁ ସରକାର୍ ସ୍ଥିର କରିଛନ୍ତି ।

(ଘ) ବନ୍ଦୋବସ୍ତ ହୋଇନଥିବା ମଦ ଦୋକାନ ଗୁଡିକୁ ବନ୍ଦୋବସ୍ତ କରିବପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ରାଜ୍ୟରେ ମଦ ଚାହିଦାଥିବା ଏବଂ ମଦ ଦୋକାନ ନଥିବା ସ୍ଥାନମାନଙ୍କରେ ଉତ୍ତମମାନର ସରକାରୀ ମଦ ଯୋଗାଇ ଦେବାର୍ ବ୍ୟବସ୍ଥା କରାଯାଉଅଛି ।

(ଙ) ଦାବିଦାର୍ ନ ଥିବା ବାଜ୍ୟାପ୍ତି ସମ୍ପତ୍ତିର ତୁରନ୍ତ ଫଇସଲା କରିବାପାଇଁ ସରକାର୍ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି ।

(ଚ) ଚୋରା ଓ ନକଲି ବିଦେଶୀ ମଦର ଅନ୍ତଃସ୍ରୋତକୁ ପ୍ରତିହତ କରିବା ପାଇଁ ସରକାର୍ ବିହିତ ପଦକ୍ଷେପ ନେବା ଯୋଗୁଁ ଲୋକମାନଙ୍କୁ ଉତ୍ତମ ମାନର୍ ମଦ୍ୟ ପାନୀୟ୍ ଉପଲବ୍ଧ କରାଯିବା ସଙ୍ଗେ ସଙ୍ଗେ ସରକାରୀ ରାଜସ୍ୱ ବୃଦ୍ଧିର ସହାୟକ ହୋଇପାରୁଛି ।

(ଛ) ମହୁଲିମଦକୁ ପଲି ପ୍ୟାକ୍‌ରେ ଉପଲବ୍ଧ କରାଯାଇ ତାର ଚାଲାଣକୁ ସୁଚାରୁ ରୂପେ ନିୟନ୍ତ୍ରଣ କରାଯାଇପାରିଛି ।

(ଜ) ଖାଉଟି ମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କର ଅବଗତି ନିମନ୍ତେ ସର୍ବାଧିକ ଖୁଚୁରା ମୂଲ୍ୟକୁ ଦର୍ଶାଯାଇଛି ।

(ଝ) ରାଜ୍ୟରେ ସ୍ୱଳ୍ପ ଶକ୍ତି ସଂପନ୍ନ ମଦ୍ୟପାନୀୟକୁ **ବ୍ରିଜର** ନାମରେ ପ୍ରଚଳନ କରାଯାଇଛି ।

(ଞ) ବକେୟା ଅବକାରୀ ରାଜସ୍ୱ ଆଦାୟ୍ କରିବା ପାଇଁ OPDR Act ଏବଂ Revenue Recovery Act ଅଧିନରେ ଥିବା Certificate Case ରୁଜୁ କରି ଏବଂ କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ବ୍ୟକ୍ତିଗତ ପ୍ରୟାସରେ ଆଦାୟ୍ କରିବା ପାଇଁ ପରାମର୍ଶ ଜାରି କରାଯାଇଛି ।

## ୪. <u>ମହାଲେଖାକାରଙ୍କ ପରିଚ୍ଛେଦର ଅନୁପାଳନ</u>

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରଦତ୍ତ ରିପୋର୍ଟରେ ଥିବା ସମସ୍ତ ଡ୍ରା[illegible] ପାରା ଗୁଡିକର ଅନୁପାଳନ ବିବରଣୀ (୧୯୯୧-୯୨ ରୁ ୨୦୦୫-୦୬ ପର୍ଯ୍ୟନ୍ତ) ଓଡିଶା ବିଧାନସଭା ର ମାନ୍ୟବର P.A.C., ମହାସମୀକ୍ଷକ, ଓଡିଶା ଏବଂ ଅର୍ଥ ବିଭାଗକୁ ପ୍ରଦାନ କରାଯାଇଛି । ମାନ୍ୟବର P.A.C., ଅବକାରୀ ବିଭାଗର ୨୦୦୫-୦୬ ରିପୋର୍ଟ ର ଅନୁପାଳନ ବିବରଣୀକୁ ଇତି ମଧ୍ୟରେ ପରୀକ୍ଷା କରିସାରିଛନ୍ତି । ଏତଦ୍ ବ୍ୟତୀତ Triangular Committee Meeting କରାଯାଇ ଅଡିଟ୍ ପାରା ଗୁଡିକର ଆଶୁସମାଧାନ ନିମିତ୍ତ ବ୍ୟବସ୍ଥା କରାଯାଇଛି ।

**୫. ନୂତନ ପଦକ୍ଷେପ**

(କ) ରାଜ୍ୟରେ ଅବକାରୀ ରେଞ୍ଜ୍ ଅଫିସ୍, ଚାର୍ଜ ଅଫିସ୍ ଏବଂ ସଂଲଗ୍ନ ମାଲଖାନା ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି।

(ଖ) କଟକ, ବ୍ରହ୍ମପୁର ଏବଂ ସମ୍ବଲପୁରରେ ତିନୋଟି ନୂତନ ଅବକାରୀ ପରୀକ୍ଷାଗାର ନିର୍ମାଣ କରିବା ପାଇଁ ପ୍ରସ୍ତାବ ସରକାରଙ୍କ ସକ୍ରିୟ ବିଚାରାଧିନ ଅଛି।

(ଗ) ରାଜ୍ୟରେ କେଉଁଝର, ବଲାଙ୍ଗୀର ଏବଂ ଅନୁଗୁଳଠାରେ ତିନୋଟି ଓଡିଶା ପାନୀୟ ନିଗମର ଗୋଦାମ ଖୋଲିବା ପାଇଁ ପ୍ରସ୍ତାବ ଦିଆଯାଇଛି ।

(ଘ) ଯଅ ସଶ୍ୟରୁ ବିଅର ପ୍ରସ୍ତୁତ କରିବା ପ୍ରସ୍ଥାନ ସଂପ୍ରତି ସରକାରଙ୍କ ବିଚାରାଧିନ ଅଛି ।

(ଙ) ମଦ ଦୋକାନ ନଥିବା ଓ ଚାହିଦା ଥିବା ଖାଲିସ୍ଥାନ ଗୁଡିକୁ ନିକଟସ୍ଥ ସରକାରୀ ସ୍ୱୀକୃତିପ୍ରାପ୍ତ ମହୁଲିମଦଭାଟି ସହିତ ସଂଲଗ୍ନ କରିବାପାଇଁ ସରକାର ଆଦେଶ ଜାରୀକରିଛନ୍ତି ।

(ଚ) ବିଧାନ ସଭାର ସିଲେକ୍ଟ କମିଟି ଓଡିଶା ଅବକାରୀ ବିଲ୍ ୨୦୦୫ କୁ ଚୁଡାନ୍ତ ସୁପାରିସ୍ କରିଛନ୍ତି ଯାହାକି ଆସନ୍ତା ବିଧାନ ସଭା ଅଧିବେସନରେ ଉପସ୍ଥାପନ କରାଯିବ ।

(ଛ) ମହୁଲି ଫୁଲର ସ୍ୱଳ୍ପତାକୁ ଦୃଷ୍ଟିରେ ରଖି ଏହାର ରପ୍ତାନୀକୁ ସରକାର ସାମୟିକ ଭାବେ ବନ୍ଦ କରିଅଛନ୍ତି ।

(ଜ) ଚୋରାମଦ ଧରପଗଡକୁ ଅଧିକ ସୁଦୃଢ କରିବାପାଇଁ ଅବକାରୀ କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ବନ୍ଧୁକ ଯୋଗାଇ ଦିଆଯାଇଅଛି ।

(ଝ) NDPS Act ଅଧିନରେ ଆସୁଥିବା ଅଭିଯୋଗ ଗୁଡିକର ତଦନ୍ତ କରିବାପାଇଁ ସରକାର ଉପଅବକାରୀ ନିରିକ୍ଷକ ଏବଂ ତଦୁର୍ଦ୍ଧ କର୍ମଚାରୀ ମାନଙ୍କୁ ତଲାସ, ଜବତ ଓ ଗିରଫ କରିବାପାଇଁ କ୍ଷମତା ପ୍ରଦାନ କରିଅଛନ୍ତି ।

(ଞ) ଅବକାରୀ କ୍ଷେତ୍ରୀୟ କର୍ମଚାରୀ ମାନଙ୍କୁ ଉପଯୁକ୍ତ ତାଲିମ ଓ ପ୍ରଶିକ୍ଷଣ ଦିଆଯାଉଅଛି ।